ୟୁ. ପି. ରାଜ୍ୟ ସଡ଼କ ପରିବହନ ନିଗମ

ବନାମ

ଶ୍ରୀ ବୀରେନ୍ଦ୍ର ଭଣ୍ଡାରୀ

ସେପ୍ଟେମ୍ବର 28,2006

[ଅରିଜିତ୍ ପଶାୟତ ଏବଂ ଲୋକେଶ୍ୱର ସିଂ ପାନ୍ତା, ନ୍ୟାୟମୂର୍ତ୍ତିଦ୍ୱୟ]

*ଶିଳ୍ପ ବିବାଦ ଅଧିନିୟମ, 1947 - ଧାରା 33C(2)- ବେତନ ଆୟୋଗର ସୁପାରିଶରୁ ଉପୁଜିଥିବା ବକେୟା ବେତନ ପାଇଁ ଧାରା 33C (2) ଅଧୀନରେ ଦାଖଲ ହୋଇଥିବା ଦାବି- ଶ୍ରମ ନ୍ୟାୟାଳୟ ଦ୍ୱାରା ଅନୁମୋଦିତ - ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ସମର୍ଥନ - ଆବେଦନ ଉପରେ, ନିର୍ଣ୍ଣୟ କରାଗଲା: ଉଚ୍ଚ ନ୍ୟାୟାଳୟ ଶ୍ରମ ନ୍ୟାୟାଳୟ ଦ୍ୱାରା ପାରିତ ଆଦେଶ ବଜାୟ ରଖିବାରେ ତ୍ରୁଟି କରିଥିଲେ କାରଣ ଧାରା 33C (2) ର ପରିସର ଏବଂ ସୀମା, ଶ୍ରମ ନ୍ୟାୟାଳୟ ଦ୍ୱାରା ସଠିକ୍ ଭାବରେ ଗ୍ରହଣ କରାଯାଇନଥିଲା ।*

**ଉତ୍ତରଦାତା 5ମ ବେତନ ଆୟୋଗଙ୍କ ସୁପାରିଶକୁ କାର୍ଯ୍ୟକାରୀ କରିବା କାରଣରୁ ଉପୁଜିଥିବା ବକେୟା ଦେୟ ପାଇଁ ଶିଳ୍ପ ବିବାଦ ଅଧିନିୟମ, 1947ର ଧାରା 33C(2) ଅନୁଯାୟୀ ଦାବି ଆବେଦନ ଦାଖଲ କରିଥିଲେ । ଶ୍ରମ ନ୍ୟାୟାଳୟ ଏହି ଅନୁରୋଧକୁ ଗ୍ରହଣ କରିଥିଲେ ଏବଂ ଦେୟ ଦେବାକୁ ନିର୍ଦ୍ଦେଶ ଦେଇଥିଲେ । ଉଚ୍ଚ ନ୍ୟାୟାଳୟ ଶ୍ରମ ନ୍ୟାୟାଳୟଙ୍କ ଦ୍ୱାରା ପାରିତ ଆଦେଶ ସମର୍ଥନ କରିଥିଲେ ।**

**ଏହି ଅଦାଲତରେ ଆବେଦନ କରି ଆବେଦନକାରୀ ଯୁକ୍ତି ଦର୍ଶାଇଥିଲେ ଯେ ଅଧିନିୟମର ଧାରା 33C(2) ଅନୁଯାୟୀ ଆବେଦନଟି ଭୁଲ ଥିଲା ଏବଂ ଉଚ୍ଚ ନ୍ୟାୟାଳୟ ଭୁଲ ଭାବରେ ମତ ରଖିଥିଲେ ଯେ 5ମ ବେତନ ଆୟୋଗଙ୍କ ସୁପାରିଶ ଆବେଦନକାରୀ-ନିଗମ ଉପରେ ବାଧ୍ୟତାମୂଳକ ଥିଲା ଏବଂ ଦେୟ ଦେବାକୁ ପଡିବ ।**

**ଆବେଦନକୁ ଅନୁମତି ଦେଇ, ନ୍ୟାୟାଳୟ**

**ନିର୍ଣ୍ଣୟ ହୋଇଥିଲା : 1.1.ଯେତେବେଳେ ଜଣେ ଶ୍ରମିକ ତାଙ୍କ ନିଯୁକ୍ତିଦାତାଙ୍କଠାରୁ କୌଣସି ଅର୍ଥ କିମ୍ବା କୌଣସି ଲାଭ ପାଇବାକୁ ହକଦାର ହୁଅନ୍ତି ଯାହା ଅର୍ଥ ଦୃଷ୍ଟିରୁ ଗଣନା କରିବାକୁ ସକ୍ଷମ ଏବଂ ଯାହା ସେ ନିଯୁକ୍ତିଦାତାଙ୍କଠାରୁ ପାଇବାକୁ ହକଦାର ଏବଂ ଏହିପରି ଲାଭରୁ ବଞ୍ଚିତ ହୁଅନ୍ତି, ସେ ଅଧିନିୟମ 33 C(2) ଅନୁଯାୟୀ ଶ୍ରମ ନ୍ୟାୟାଳୟକୁ ଦ୍ୱାରସ୍ଥ ହୋଇପାରିବେ ।**

**ଅଧିନିୟମ 33C(2) ଅନୁଯାୟୀ ଲାଗୁ କରିବାକୁ ଚାହୁଁଥିବା ଲାଭ ବାସ୍ତବରେ ଏକ ପୂର୍ବ-ବିଦ୍ୟମାନ ଲାଭ କିମ୍ବା ପୂର୍ବ-ବିଦ୍ୟମାନ ଅଧିକାରରୁ ଅଣାଯାଇଛି । ଗୋଟିଏ ପଟେ ପୂର୍ବରୁ ଥିବା ଅଧିକାର କିମ୍ବା ଲାଭ ଏବଂ ଅନ୍ୟ ପକ୍ଷରେ ଯର୍ଥାଥ ଏବଂ ନ୍ୟାୟସଙ୍ଗତ ବୋଲି ବିବେଚନା କରାଯାଉଥିବା ଅଧିକାର କିମ୍ବା ଲାଭ ମଧ୍ୟରେ ପାର୍ଥକ୍ୟ ଗୁରୁତ୍ୱପୂର୍ଣ୍ଣ । ପ୍ରଥମଟି ଅଧିନିୟମର ଧାରା 33 C(2) ଅନୁଯାୟୀ କ୍ଷମତା ପ୍ରୟୋଗ କରୁଥିବା ଶ୍ରମ ନ୍ୟାୟାଳୟର ଅଧିକାରିତା କ୍ଷେତ୍ର ମଧ୍ୟରେ ଆସେ, ଯେତେବେଳେ କି ଦ୍ୱିତୀୟଟି ତାହା କରେ ନାହିଁ ।**

**1.2. ଯେତେବେଳେ ମଜୁରୀ ଫେରସ୍ତ ପାଇଁ ଦାବି କରିବାର ବିଚାର ବିଷୟରେ ଏକ ପ୍ରଶ୍ନ ଉଠେ, ସମସ୍ତ ପ୍ରାସଙ୍ଗିକ ପରିସ୍ଥିତି ଯାହା ଭିତରକୁ ଯିବାକୁ ପଡିବ, ଏକ ନ୍ୟାୟସଙ୍ଗତ ଢଙ୍ଗରେ ବିବେଚନା କରିବାକୁ ପଡିବ । ତେଣୁ, ଯେଉଁ ଉପଯୁକ୍ତ ବିଚାରମଞ୍ଚରେ ମଜୁରୀ ଫେରସ୍ତ ସମ୍ବନ୍ଧୀୟ ଏଭଳି ପ୍ରଶ୍ନ ଉପରେ ନିଷ୍ପତ୍ତି ନିଆଯାଇପାରିବ, ତାହା କେବଳ ସେହି କାର୍ଯ୍ୟାନୁଷ୍ଠାନରେ ରହିଛି, ଯାହାଙ୍କ ନିକଟକୁ ଅଧିନିୟମର ଧାରା 10 ଅନୁଯାୟୀ ଏକ ବିଚାରର୍ଥେ ପ୍ରେରଣ କରାଯାଇଛି । ଏହା କହିବା ଯେ କେବଳ ପୁନଃପଦସ୍ଥ ପରେ, ଜଣେ ଶ୍ରମିକ ଅଧିନିର୍ଣ୍ଣୟର ସର୍ତ୍ତାବଳୀ ଅନୁଯାୟୀ, ତାଙ୍କର ସମସ୍ତ ବକେୟା ଦରମା ଏବଂ ଭତ୍ତା ପାଇବାର ହକଦାର ହେବେ ବୋଲି କହିବା ଭୁଲ ହେବ କାରଣ ଶ୍ରମିକ ମଜୁରୀ ଫେରାଇବା ପାଇଁ ଆଦୌ ଏବଂ କେତେ ପରିମାଣରେ ହକଦାର ତାହା ଜାଣିବା ପାଇଁ ଅନେକ କାରଣ ବିଚାରକୁ ନେବାକୁ ପଡିବ । [693- C- E]**

**1.3. ଉପରୋକ୍ତ ନୀତିଗୁଡ଼ିକର ପୃଷ୍ଠଭୂମିରେ ବିଚାର କଲେ, ଶ୍ରମ ନ୍ୟାୟାଳୟ ଏବଂ ଉଚ୍ଚ ନ୍ୟାୟାଳୟ ଦ୍ୱାରା ପାରିତ ଆଦେଶଗୁଡ଼ିକ ଅକ୍ଷମଣୀୟ ଏବଂ ସେହି ଅନୁଯାୟୀ ସେଗୁଡ଼ିକୁ ବାତିଲ କରିଦିଆଯାଏ । [693- F]**

*ଭାରତୀୟ ଷ୍ଟେଟ୍ ବ୍ୟାଙ୍କ୍ ବନାମ ରାମଚନ୍ଦ୍ର ଦୁବେ ଏବଂ ଅନ୍ୟମାନେ,* **[2001] 1 SCC 73 ଏବଂ** *ୟୁ. ପି. ରାଜ୍ୟ ଏବଂ ଅନ୍ୟଜଣେ ବନାମ ବ୍ରିଜପାଲ ସିଂ,* **[2005] 8 SCC 58, ନିର୍ଭର କରାଗଲା ।**

ଦେୱାନୀ ଆବେଦନ ଅଧିକାରିତା : ଦେୱାନୀ ଆବେଦନ ସଂଖ୍ୟା 4292/2006 ।

ଆଜ୍ଞାଦେଶ ଆବେଦନ ସଂଖ୍ୟା 4967/2006 (S/S)ରେ ନୈନିତାଲରେ ଉତ୍ତରାଞ୍ଚଳର ଉଚ୍ଚ ନ୍ୟାୟାଳୟର 24.10.2005 ତାରିଖର ଅନ୍ତିମ ରାୟ ଏବଂ ଆଦେଶରୁ

ଆବେଦନକାରୀ ପକ୍ଷରୁ ପ୍ରଦୀପ ମିଶ୍ର ।

ନ୍ୟାୟାଳୟର ରାୟ ପ୍ରଦାନ କରାଯାଇଥିଲା

**ନ୍ୟାୟାଧୀଶ ଅରିଜିତ୍ ପଶାୟତ** ଅନୁମତି ପ୍ରଦାନ କରାଗଲା ।

ଆବେଦନକାରୀ ଏହା ଦ୍ଵାରା ଦାଖଲ ହୋଇଥିବା ଆଜ୍ଞାଦେଶ ଆବେଦନକୁ ଖାରଜ କରି ଏକ ବିଜ୍ଞ ଏକାକୀ ବିଚାରପତିଙ୍କ ଦ୍ଵାରା ଦିଆଯାଇଥିବା ରାୟର ବୈଧତା ଉପରେ ପ୍ରଶ୍ନ ଉଠାଇଛନ୍ତି । ଆବେଦନକାରୀ ବିବିଧ ମାମଲା ସଂଖ୍ୟା 144/2001ରେ ଡେରାଡୁନର ଶ୍ରମ ନ୍ୟାୟାଳୟର ପୀଠାସୀନ ଅଧିକାରୀଙ୍କ ଦ୍ଵାରା ଜାରି କରାଯାଇଥିବା ଆଦେଶ ରଦ୍ଦ କରିବା ପାଇଁ ଅନୁରୋଧ କରିବା ସହିତ ଆଜ୍ଞାଦେଶ ଆବେଦନ ଦାଖଲ କରିଥିଲେ ।

ସଂକ୍ଷେପରେ ପୃଷ୍ଠଭୂମି ତଥ୍ୟଗୁଡିକ ନିମ୍ନରେ ଦିଆଗଲା:

ଶିଳ୍ପ ବିବାଦ ଅଧିନିୟମ, 1947 ର ଧାରା 33 C(2) (ସଂକ୍ଷେପରେ 'ଅଧିନିୟମ') ଅନୁଯାୟୀ ବେତନ ପାର୍ଥକ୍ୟ, ଛୁଟି ନଗଦୀକରଣ, 5ମ ବେତନ ଆୟୋଗଙ୍କ ସୁପାରିଶକ୍ରମେ କାର୍ଯ୍ୟକାରୀ ହେବା କାରଣରୁ ଉପୁଜିଥିବା ମହଙ୍ଗା ବକେୟା ପ୍ରଦାନ ପାଇଁ ଉତ୍ତରଦାତା ସଂଖ୍ୟା 2 ଦ୍ଵାରା ଏକ ଦାବି ଆବେଦନ ଦାଖଲ କରାଯାଇଥିଲା, ଶ୍ରମ ନ୍ୟାୟାଳୟ ଏହି ଅନୁରୋଧକୁ ଗ୍ରହଣ କରିଥିଲେ ଏବଂ ଦୁଇ ମାସ ମଧ୍ୟରେ ଦେୟ ଦେବାକୁ ନିର୍ଦ୍ଦେଶ ଦେଇଥିଲେ । ଉକ୍ତ ଆଦେଶ ଏକ ଆଜ୍ଞାଦେଶ ଆବେଦନ ଦ୍ଵାରା ଉଚ୍ଚ ନ୍ୟାୟାଳୟରେ ଆପତ୍ତି କରାଯାଇଥିଲା ।

ଉଚ୍ଚ ନ୍ୟାୟାଳୟ ସମ୍ମୁଖରେ ଆବେଦନକାରୀଙ୍କ ଆଭିମୁଖ୍ୟ ଥିଲା ଯେ ଧାରା 33 C(2) ଅନୁଯାୟୀ ଆବେଦନଟି ଭୁଲ ଧାରଣା ଥିଲା । ଉଚ୍ଚ ନ୍ୟାୟାଳୟ ଏହି ମତ ପୋଷଣ କରିଥିଲେ ଯେ 5ମ ବେତନ ଆୟୋଗଙ୍କ ସୁପାରିଶ ଆବେଦନକାରୀ-ନିଗମ ଉପରେ ବାଧ୍ୟତାମୂଳକ ଅଟେ ଏବଂ ତେଣୁ ବକେୟା ଦେୟଯୋଗ୍ୟ ହେବ ।

ଆବେଦନକାରୀଙ୍କ ପକ୍ଷରୁ ବିଜ୍ଞ ଅଧିବକ୍ତା ଦାଖଲ କରିଥିଲେ ଯେ ଅଧିନିୟମ 32 C(2) ର ପରିସର ଏବଂ ସୀମା, ଶ୍ରମ ନ୍ୟାୟାଳୟ ଦ୍ଵାରା ଅଣଦେଖା ହୋଇଯାଇଛି ଏବଂ ଉଚ୍ଚ ନ୍ୟାୟାଳୟ ଆଜ୍ଞାଦେଶ ଆବେଦନ ଖାରଜ କରିବାରେ ଏବଂ ଶ୍ରମ ଅଦାଲତ ଦ୍ଵାରା ପାରିତ ଆଦେଶକୁ ସମର୍ଥନ କରିବାରେ ସ୍ପଷ୍ଟ ଭାବରେ ତ୍ରୁଟି କରିଥିଲେ ।

ନୋଟିସ ଜାରି ହେବା ସତ୍ତ୍ୱେ ଉତ୍ତରଦାତାଙ୍କ ପକ୍ଷରୁ କେହି ହାଜର ହେଇନାହାଁନ୍ତି ।

ଧାରା 33C(2) ଅନୁଯାୟୀ ଯେଉଁ ଲାଭ ଲାଗୁ କରାଯାଇପାରିବ, ତାହା ହେଉଛି ପୂର୍ବ ବିଦ୍ୟମାନ ଲାଭ କିମ୍ବା ଏକ ପୂର୍ବ ବିଦ୍ୟମାନ ଅଧିକାରରୁ ଅଣାଯାଉଛି ।

*ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ବନାମ ରାମଚନ୍ଦ୍ର ଦୁବେ ଏବଂ ଅନ୍ୟମାନଙ୍କ* ମାମଲାରେ, [2001] SCC 73, ଏହି ନ୍ୟାୟଳୟ ନିମ୍ନମତେ ରାୟ ଦେଇଥିଲେ:

"7. ଯେତେବେଳେ ଏକ ଶିଳ୍ପ ନ୍ୟାୟାଧିକରଣକୁ କେବଳ ଜଣେ ଶ୍ରମିକଙ୍କୁ ବରଖାସ୍ତ କରିବା ନ୍ୟାୟସଙ୍ଗତ କି ନୁହେଁ, ଏହି ପ୍ରଶ୍ନର ନିର୍ଣ୍ଣୟ କରିବା ପାଇଁ ଏକ ବିଚାରର୍ଥେ ପ୍ରେରଣ କରାଯାଏ, ତାହା ନୁହେଁ , ବରଂ ଉପଯୁକ୍ତ ରିଲିଫ୍ ପ୍ରଦାନ କରିବା ପାଇଁ, ପୁନପଦସ୍ଥ ସମ୍ପୂର୍ଣ୍ଣ କିମ୍ବା ଆଂଶିକ ପିଛିଲା ମଜୁରୀ ସହିତ କିମ୍ବା କିଛି ନୁହଁ ହେବା ଉଚିତ କି, ଏହି ପ୍ରଶ୍ନର ଯାଞ୍ଚକୁ ଅନ୍ତର୍ଭୁକ୍ତ କରିବ । ନ୍ୟାୟାଧିକରଣ ସମ୍ମୁଖରେ ଉପସ୍ଥାପିତ ହେବାକୁ ଥିବା ପ୍ରମାଣ ଉପରେ ନିର୍ଭର କରି ଏପରି ଏକ ପ୍ରଶ୍ନ ହେଉଛି ଏକ ସତ୍ୟ । ଯଦି ଚାକିରି ସମାପ୍ତ ହେବା ପରେ, ଶ୍ରମିକ ଅନ୍ୟତ୍ର ଲାଭଦାୟକ ଭାବରେ ନିଯୁକ୍ତ ହୁଅନ୍ତି, ତେବେ ପୁନଃପଦସ୍ଥ ସମ୍ପୂର୍ଣ୍ଣ ମଜୁରୀ ସହିତ କିମ୍ବା ନିଯୁକ୍ତିର ନିରନ୍ତରତା ସହିତ ହେବା ଉଚିତ କି , ତାହା ସ୍ଥିର କରିବାରେ ବିଚାର କରାଯିବା ବିଷୟ ମଧ୍ୟରୁ ଗୋଟିଏ ଅଟେ । ଏହିପରି ପ୍ରଶ୍ନଗୁଡିକ କେବଳ ଏକ ବିଚାରର୍ଥେ ପ୍ରେରଣରେ ଉପଯୁକ୍ତ ଭାବରେ ପରୀକ୍ଷା କରାଯାଇପାରିବ । ଯେତେବେଳେ ଅଧିନିୟମର ଧାରା 10 ଅନୁଯାୟୀ ଏକ ବିଚାରର୍ଥେ ପ୍ରେରଣ ପ୍ରସ୍ତୁତ କରାଯାଏ, ସେତେବେଳେ ସେଥିରୁ ଉପୁଜିଥିବା ସମସ୍ତ ଆନୁସଙ୍ଗିକ ପ୍ରଶ୍ନ ନ୍ୟାୟାଧିକରଣ ଦ୍ୱାରା ସ୍ଥିର କରାଯାଇପାରିବ ଏବଂ ଏହି ନିର୍ଦ୍ଦିଷ୍ଟ ମାମଲାରେ, ଶ୍ରମିକମାନଙ୍କୁ ମଞ୍ଜୁର କରାଯିବାକୁ ଥିବା ରିଲିଫର ପ୍ରକୃତି ବିଷୟରେ ଏକ ନିର୍ଦ୍ଦିଷ୍ଟ ପ୍ରଶ୍ନ ନ୍ୟାୟାଧିକରଣକୁ ପଠାଯାଇଛି ।

8. ଉଭୟ ପକ୍ଷ ଦ୍ୱାରା ସୂଚିତ ନିଷ୍ପତ୍ତିରେ ପ୍ରତିପାଦିତ ନୀତିଗୁଡ଼ିକୁ ନିମ୍ନମତେ ସଂକ୍ଷେପିତ କରାଯାଇପାରେ:

ଯେତେବେଳେ ଜଣେ ଶ୍ରମିକ ତାଙ୍କ ନିଯୁକ୍ତିଦାତାଙ୍କଠାରୁ କୌଣସି ଅର୍ଥ କିମ୍ବା କୌଣସି ଲାଭ ପାଇବାକୁ ହକଦାର ହୁଅନ୍ତି ଯାହା ଅର୍ଥ ଦୃଷ୍ଟିରୁ ଗଣନା କରିବାକୁ ସକ୍ଷମ ଏବଂ ଯାହା ସେ ନିଯୁକ୍ତିଦାତାଙ୍କଠାରୁ ପାଇବାକୁ ହକଦାର ଏବଂ ଏହିପରି ଲାଭରୁ ବଞ୍ଚିତ

ହୁଅନ୍ତି, ସେ ଅଧିନିୟମ 33 C(2) ଅନୁଯାୟୀ ଶ୍ରମ ଅଦାଲତକୁ ଦ୍ୱାରସ୍ଥ ହୋଇପାରିବେ । ଅଧିନିୟମ 33C(2) ଅନୁଯାୟୀ ଲାଗୁ କରିବାକୁ ଚାହୁଁଥିବା ଲାଭ ବାସ୍ତବରେ ଏକ ପୂର୍ବ-ବିଦ୍ୟମାନ ଲାଭ କିମ୍ବା ଏକ ପୂର୍ବ-ବିଦ୍ୟମାନ ଅଧିକାରରୁ ଅଣାଯାଇଛି । ଗୋଟିଏ ପଟେ ପୂର୍ବରୁ ଥିବା ଅଧିକାର କିମ୍ବା ଲାଭ ଏବଂ ଅନ୍ୟ ପକ୍ଷରେ ଯଥାର୍ଥ ଏବଂ ନ୍ୟାୟସଙ୍ଗତ ବୋଲି ବିବେଚନା କରାଯାଉଥିବା ଅଧିକାର କିମ୍ବା ଲାଭ ମଧ୍ୟରେ ପାର୍ଥକ୍ୟ ଗୁରୁତ୍ୱପୂର୍ଣ୍ଣ । ପ୍ରଥମଟି ଅଧିନିୟମର ଧାରା 33 C(2) ଅନୁଯାୟୀ କ୍ଷମତା ପ୍ରୟୋଗ କରୁଥିବା ଶ୍ରମ ନ୍ୟାୟାଳୟର ଅଧିକାରିତା କ୍ଷେତ୍ର ମଧ୍ୟରେ ଆସେ, ଯେତେବେଳେ କି ଦ୍ୱିତୀୟଟି ତାହା କରେ ନାହିଁ । ବର୍ତ୍ତମାନର ମାମଲାରେ ଅଧିନିର୍ଣ୍ଣୟରୁ ଏହା ସ୍ୱଷ୍ଟ କରାଯାଇପାରିବ ନାହିଁ ଯେ ଶ୍ରମିକଙ୍କୁ ଏପରି ଏକ ଅଧିକାର କିମ୍ବା ଲାଭ ପ୍ରଦାନ କରାଯାଇଛି କାରଣ ପିଛିଲା ମଜୁରୀ ବିଷୟରେ ଅଧିକ କିଛି ଉଲ୍ଲେଖ ନକରି ମଞ୍ଜୁର ହୋଇଥିବା ରିଲିଫର ନିର୍ଦ୍ଦିଷ୍ଟ ପ୍ରଶ୍ନ କେବଳ ପୁନପଦସ୍ଥରେ ସୀମିତ ରହିଛି । ତେଣୁ ସେହି ରିଲିଫ୍ ପ୍ରତ୍ୟାଖ୍ୟାନ କରାଯାଇଥିବା ବିବେଚନା କରାଯିବା ଉଚିତ, କାରଣ ଯାହା ଦାବି କରାଯାଏ କିନ୍ତୁ ବାସ୍ତବରେ ମଞ୍ଜୁର ହୁଏ ନାହିଁ ତାହା ନ୍ୟାୟିକ କିମ୍ବା ଅର୍ଦ୍ଧ-ନ୍ୟାୟିକ କାର୍ଯ୍ୟାନୁଷ୍ଠାନରେ ପ୍ରତ୍ୟାଖ୍ୟାନ ହୁଏ । ଆହୁରି ମଧ୍ୟ ଯେତେବେଳେ ମଜୁରୀ ଫେରସ୍ତ ପାଇଁ ଦାବି କରିବାର ବିଚାର ବିଷୟରେ ଏକ ପ୍ରଶ୍ନ ଉଠେ, ସମସ୍ତ ପ୍ରାସଙ୍ଗିକ ପରିସ୍ଥିତି ଯାହା ଭିତରକୁ ଯିବାକୁ ପଡିବ, ଏକ ନ୍ୟାୟସଙ୍ଗତ ଢଙ୍ଗରେ ବିବେଚନା କରିବାକୁ ପଡିବ । ତେଣୁ, ଯେଉଁ ଉପଯୁକ୍ତ ବିଚାରମଞ୍ଚରେ ମଜୁରୀ ଫେରସ୍ତ ସମ୍ବନ୍ଧୀୟ ଏଭଳି ପ୍ରଶ୍ନ ଉପରେ ନିଷ୍ପତ୍ତି ନିଆଯାଇପାରିବ, ତାହା କେବଳ ସେହି କାର୍ଯ୍ୟାନୁଷ୍ଠାନରେ ରହିଛି, ଯାହାଙ୍କ ନିକଟକୁ ଅଧିନିୟମର ଧାରା 10 ଅନୁଯାୟୀ ଏକ ବିଚାରର୍ଥେ ପ୍ରେରଣ ପଠାଯାଇଛି । କେବଳ ପୁନଃପଦସ୍ଥ ପରେ, ଜଣେ ଶ୍ରମିକ ଅଧିନିର୍ଣ୍ଣୟର ସର୍ତ୍ତାବଳୀ ଅନୁଯାୟୀ, ତାଙ୍କର ସମସ୍ତ ବକେୟା ଦେୟ ଏବଂ ଭତ୍ତା ପାଇବାକୁ ହକଦାର ହେବେ ବୋଲି କହିବା ଭୁଲ ହେବ, କାରଣ ପୂର୍ବରୁ କୁହାଯାଇଥିବା ପରି, ଶ୍ରମିକ ଆଦୌ ଏବଂ କେତେ ପରିମାଣରେ ମଜୁରୀ ଫେରସ୍ତ ପାଇବାକୁ ହକଦାର କି, ତାହା ଜାଣିବା ପାଇଁ ଅନେକ କାରକ ବିଚାର କରିବାକୁ ପଡିବ । ତେଣୁ, ଆମର ମତ ହେଉଛି ଯେ ଉଚ୍ଚ ନ୍ୟାୟାଳୟ ଏହା ଅନୁମାନ କରିବା ଉଚିତ ନୁହେଁ ଯେ ପିଛିଲା ମଜୁରୀ ପ୍ରଦାନ ପାଇଁ ଶ୍ରମ ନ୍ୟାୟାଳୟର ରାୟ ପୁନଃପଦସ୍ଥର ରିଲିଫ୍ ରେ ନିହିତ କିମ୍ବା ପୁନଃପଦସ୍ଥର ଅଧିନିର୍ଣ୍ଣୟ ନିଜେ ପିଛିଲା ମଜୁରୀ ଦାବି କରିବା ପାଇଁ ଅଧିକାର ପ୍ରଦାନ କରିଛି ।"

ଏହି ନ୍ୟାୟାଳୟର ତିନି ଜଣିଆ ବିଚାରପତିଙ୍କ ଖଣ୍ଡପୀଠ *ୟୁ. ପି. ରାଜ୍ୟ ଏବଂ ଅନ୍ୟଜଣେ ବନାମ ବ୍ରିଜପାଲ ସିଂ,* [2005] 8 SCC 58 ରେ ଏହି ସ୍ଥିତିକୁ ପୁନର୍ବାର ଦୋହରାଇଥିଲେ ।

ଉପରୋକ୍ତ ନୀତିଗୁଡ଼ିକର ପୃଷ୍ଠଭୂମିରେ ବିଚାର କଲେ, ଶ୍ରମ ନ୍ୟାୟାଳୟ ଏବଂ ଉଚ୍ଚ ନ୍ୟାୟାଳୟ ଦ୍ୱାରା ପାରିତ ଆଦେଶଗୁଡ଼ିକ ଅକ୍ଷମଣୀୟ ଏବଂ ସେହି ଅନୁଯାୟୀ ସେଗୁଡ଼ିକୁ ବାତିଲ କରିଦିଆଯାଏ ।

ଖର୍ଚ୍ଚ ସମ୍ବନ୍ଧରେ କୌଣସି ଆଦେଶ ବିନା ଆବେଦନକୁ ଅନୁମତି ଦିଆଯାଇଛି ।

ଆବେଦନକୁ ଅନୁମତି ଦିଆଗଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମା ରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

**ଭାଷାନ୍ତର :**

ସୁମିତ୍ରା ସାହୁ ,ଅନୁବାଦିକା,

ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।